# Akashvani, Sambalpur

## SAMBALPURI NEWS EVENING BULLETIN

## 11 April 2026-7.02- 7.12 pm.

---

୧- ରାଏଜେ ୪୫ ହଜାର୍ ନୂଆଁ ଶିକ୍ଷକ୍ ନିଯୁକ୍ତି ଲାଗି ଜାରି ରହିଛେ ପ୍ରକ୍ରିୟା- କହେଲେ ମୁଖ୍ୟମନ୍ତ୍ରୀ ।

୨- ମହାନଦୀ ଜଳ ବିବାଦ ପ୍ରାଧିକରଣ୍‌ର ସମିଆକେ ବଛ୍‌ରେ ବଢ଼ାଲେ କେନ୍ଦ୍ର ସର୍‌କାର୍ ।

- ଆଏବା ୨୦ ତାରିଖ୍ ହେବା ଟ୍ରିବ୍ୟୁନାଲ୍‌ର ପରବର୍ତ୍ତୀ ଶୁଣାଣି ।

୩- ସି.ଆଇ.ଡି.ସି. ତର୍‌ଫୁ ନୂଆଦିଲ୍ଲୀ ନ ହେଇଥିବା ବିଶ୍ୱକର୍ମା ପୁରସ୍କାର୍ ଉତ୍ସବ୍‌ଥି ଓଡ଼ିଶା ପାଇଛେ ସର୍ବାଧିକ୍ ବର୍ଗ୍‌ଥି ପୁରସ୍କାର୍ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଅଲଙ୍କାର୍ ଗନ୍‌ତିମନ୍‌ତି କାମ୍ ହେଲା ଶେଷ୍ ।

- ଗଜପତି ମହାରାଜ୍ଙ୍କର୍ ଅଧ୍ୟକ୍ଷତାଥି ଆଉ କିଛି ସମିଆ ଉତ୍ରୁ ହେବା ଐକ୍ୟ ସ୍ଥାପନା ମଣ୍ଡଲୀର୍ ଜରୁରୀ ବୈଠକ୍ ।

ମୁଖ୍ୟମନ୍ତ୍ରୀ-ବିଦ୍ୟାଳୟ ଶତବାର୍ଷିକୀ      ଆଇ.ଆଣ୍ଡ୍.ପି.ଆର୍

ଶିକ୍ଷକ୍ମାନେ ଖାଲି ପାଠ୍ ନାଇଁ ପଢ଼ାନ୍, ସେମାନେ ଛାତ୍ରଛାତ୍ରୀମାନ୍କର୍ ଚରିତ୍ରକେ ଗଢ଼୍ବାର୍ ସହେତେ ସତ୍ମାର୍ଗ ଦେଖାସନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍ ଜିଲ୍ଲା ବୋଦାପଲସାର ଚନ୍ଦ୍ରଶେଖର୍ ସର୍କାରୀ ଉଚ୍ଚବିଦ୍ୟାଲୟର୍ ଶତବାର୍ଷିକୀ ଅବ୍ସରେ ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ୍ଦେଇକରି ଇଟା କହିଛନ୍ । ନୂଆଁ ସର୍କାର୍ ଗଠନ୍ ଦିନୁ ଶିକ୍ଷା କ୍ଷେତ୍ରଥି ବ୍ୟାପକ୍ ପରିବର୍ତନ୍ ଆନ୍ବାର୍ ଲାଗି ବହୁତ୍ ଯୋଜ୍ନା କାର୍ଯ୍ୟକାରୀ କରାଯାଇଛେ । ଗଲା ଦେଢ଼୍ ବଛର୍ ଭିତ୍ରେ ପାଖାପାଖି ୨୦ ହଜାର୍ ଶିକ୍ଷକ୍ ନିଯୁକ୍ତି ହେଇଥିବା ବେଲେ ଆଏବା ଦିନେ ଆହୁରି ୪୫ ହଜାର୍ ନୂଆଁ ଶିକ୍ଷକ୍ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛେ । ଇତାର୍ ସହେତେ ୧୩ ହଜାର୍ ସ୍କିମାଟିକ୍ ଶିକ୍ଷକଙ୍କୁ ଭିଲ୍ ନିୟମିତ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

୨୦୨୬-୨୭ ଆର୍ଥିକ୍ ବଛ୍‌ରେ ଶିକ୍ଷା ବିଭାଗ୍ ଲାଗି ୩୧ ହଜାର୍ ୯ ଶହ ୯୭ କୋଟି ଟଙ୍କାନୁ ଅଏତ୍‌କା ବଜେଟ୍ ବ୍ୟୟବରାଦ୍ କରାଯାଇଛେ । ଫି’ ପଂଚାୟତ୍ ନ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଥାପ୍‌ନା ସହେତେ ପିଏମ୍‌ଶ୍ରୀ ଯୋଜ୍‌ନାଥି ୮ ଶହ ବିଦ୍ୟାଳୟର୍ ଉନ୍ନତି କରାଯାଇଥିବାର୍ ମୁଖ୍ୟମନ୍ତ୍ରୀ ଉଲ୍ଲେଖ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର୍ ଭିତିଭୂମିର୍ ବିକାଶ୍ ଲାଗି ୩ କୋଟି ଟଙ୍କାର୍ ଅନୁଦାନ୍ ଘୋଷ୍‌ନା କରିଛନ୍ ।

ମହାନଦୀ ଜଲ ବିବାଦ ହି.ସ.

ମହାନଦୀ ଜଲ ବିବାଦ ପ୍ରାଧିକରଣ୍ ଆଏଜ୍ ଓଡ଼ିଶା ଆଉ ଛତିଶ୍‌ଗଡ୍ ଭିତ୍‌ରେ ଥିବା ମହାନଦୀ ଜଲ ବିବାଦ୍ ମାମ୍‌ଲାର୍ ଶୁଣାଣି କରିଛନ୍ । ୨୦୨୭ ମସିହା ଜାନୁଆରୀ ୧୩ ତାରିଖ୍‌ତକ୍ ମହାନଦୀ ଜଲ ବିବାଦ୍ ପ୍ରାଧିକରଣ୍ ସମିଆକେ କେନ୍ଦ୍ର ସର୍‌କାର୍ ବଢ଼େଇଛନ୍ । ଇ ବାବ୍‌ଦେ ଜଲ୍‌ସମ୍ପଦ୍ ନଦୀ ବିକାଶ୍ ଆଉ ଗଙ୍ଗା ସଂରକ୍ଷଣ୍ ମନ୍ତ୍ରଣାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ରାଜ୍ୟ

ସରକାର୍ଙ୍କର୍ ତରଫ୍ରୁ ଜଳ ବିବାଦ୍‌ର ସମାଧାନ୍ ଲାଗି ଟ୍ରିବ୍ୟୁନାଲ୍ ନ ଷ୍ଟାଟସ୍ ନୋଟ୍ ଦାଖଲ୍ କରାଯାଇଛେ । ସେଆଡ଼େ ଆଏବା ଶୁଣାଣି ତାରିଖ୍ ୨୦ ତାରିଖ୍‌କେ ଧାରିଜ୍ କରାଯାଇଛେ ବଲି ଏଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କହିଛନ୍ ।

(ଭଏସ୍ ଓଭର୍- ପିତାମ୍ବର୍ ଆଚାର୍ଯ୍ୟ)

ଗଲା ବଛର୍ ଅଗଷ୍ଟ ମାସୁ ଦୁହି ରାଜ୍ୟର୍ ବୈଷୟିକ ଟିମ୍‌ର ୧୩ ଥର୍ ବୈଠକ୍ ହେଇଛେ । ଆପୋଷ ବୁଝାମଣା ନେଇକରି ଆଲୋଚନା ସଫଳତାର୍ ସହେତେ ଆଗ୍‌କେ ବଢ଼ିଛେ ବଲି ଏଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ଆଚାର୍ଯ୍ୟ କହିଛନ୍ ।

ବିଶ୍ୱକର୍ମା ପୁରସ୍କାର        ଆଇ.ଆଣ୍ଡ୍.ପି.ଆର୍

ନୂଆଦିଲ୍ଲୀ ବି.ଆର୍. ଆମ୍ବେଦ୍‌କର୍ ଅନ୍ତର୍ଜାତୀୟ କେନ୍ଦ୍ର ନ ସି.ଆଇ.ଡି.ସି. ତରଫ୍ରୁ ଆୟୋଜିତ ୧୭ ନମ୍ବର୍ ବିଶ୍ୱକର୍ମା ପୁରସ୍କାର୍ ବିତରଣ୍ ସମାରୋହଥି ଓଡ଼ିଶା ସର୍ବାଧିକ୍ ବର୍ଗଥି ପୁରସ୍କାର୍ ପାଇଛେ । ରାଜ୍ୟର୍ ପୂର୍ତ ବିଭାଗ୍‌ର ୩ ଟା, ଜଲ୍‌ସମ୍ପଦ୍ ବିଭାଗ୍‌ର ୫ ଟା ଆଉ କ୍ରୀଡ଼ା ବିଭାଗ୍‌ର ୨ ଟା ପ୍ରକଳ୍ପ ପୁରସ୍କୃତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରମନ୍ତ୍ରୀ ନୀତିନ୍

ଗଡ଼୍‌କରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନିର୍ମାଣ୍ କ୍ଷେତ୍ରଥି ନବସୃଜନ ଉପ୍‌ରେ ଜୋର୍ ଦେଇଥିଲେ ।

ପାନୀୟ ଜଳ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପାନୀୟ ଜଳ ନିଗମ୍ ଗଠନ୍ ହେବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଆଇଟି ଆଉ ଡିଜିଟାଲ୍ ପ୍ଲାଟ୍‌ଫର୍ମ ସାଙ୍ଗେ ନିଗମ୍ କାମ୍ କର୍‌ବା । ପ୍ରକଳ୍ପର୍ ଦାୟିତ୍ୱ ୫ ବଛର୍ ଲାଗି ଗୁଟେ ସଂସ୍ଥାକେ ଦିଆଯିବା । ଖୋବ୍ ଜଲ୍‌ଦି ଓଡ଼ିଶାର୍  ଗୁଟେ ଖାସ୍ ପ୍ରତିନିଧି ଦଲ୍ ମଧ୍ୟପ୍ରଦେଶ୍ ଆଉ କର୍ଣ୍ଣାଟକ୍ ଯାଇକରି ନିଗମ୍‌ର ରୂପରେଖ୍ ବାବ୍‌ଦେ ଅନୁଧ୍ୟାନ୍ କର୍‌ବେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ ସୂଚ୍‌ନା ଦେଇଛନ୍ ।

ଓଡ଼ିଆ ପକ୍ଷ        ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ପକ୍ଷ ପାଳନ୍‌ର ୧୧ ନମ୍ବର୍ ଦିନେ ଆଏଜ୍ ରାଜ୍ୟର୍ ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କୁ

ନେଇକରି ରାଜ୍ୟସ୍ତରୀୟ ଅମୃତ୍ ପିଢ଼ି ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଓଡ଼ିଆ ସାହିତ୍ୟ ବାବଦ୍ ଆଲୋଚନାଚକ୍ରର୍ ଆୟୋଜନ୍ ହେବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇଛେ । ଓଡ଼ିଆ ଭାଷାର୍ କାଲଜୟୀ ସୃଷ୍ଟିକେ ସମ୍ମାନ୍ ଜନାବାର୍ ଲାଗି ଆଉ ନୂଆଁ ପିଢ଼ିର୍ ପ୍ରତିଭାକେ ଲୋକ୍‌ଲୋଚନକେ ଆନ୍‌ବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୁଖିଆ ଲକ୍ଷ୍ୟ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସଭେ ଏକ୍ ହେଇକରି ମାତୃଭାଷାର୍ ଗାରିମାକେ ସାରା ପୁର୍‌ଥି ନ ପୁହୁଁଚାବାର୍ ଲାଗି ଶ୍ରୀ ମାଝୀ ଆହ୍ୱାନ୍ ଦେଇଛନ୍ ।

ଭୁବନେଶ୍ୱର୍‌ର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଲୟ ନ ଇ ଅବ୍‌ସରେ ପ୍ରତିଯୋଗିତା ଆୟୋଜନ୍ କରାଯାଇଥିଲା । ବିଶ୍ୱବିଦ୍ୟାଲୟ ଆଉ ମହାବିଦ୍ୟାଲୟର୍ ଜୋନ୍ ସ୍ତର୍ ନ କୃତୀ ଯୁବ ଲେଖକ, ଲେଖିକା ମାନ୍‌କୁ ନେଇକରି ସୃଜନ୍‌ଶୀଳତାର୍ ଶୁଭସ୍ତମ୍ଭ ଥାପ୍‌ନା କରାଯିବାର୍ ସହେତେ କର୍ମଶାଳା ହେଇଥିଲା ।

ଓଡ଼ିଆ ପକ୍ଷ-ଜିଲ୍ଲା ବର୍‌ଗଡ଼୍/ଦେବ୍‌ଗଡ଼/ନୂଆପଡ଼ା

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଅମୃତ୍ ପିଢ଼ି ସାରସ୍ୱତ ସମାରୋହ ଅବ୍‌ସରେ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ବର୍‌ଗଡ଼୍ ଜିଲ୍ଲାର୍ ସବୁ ବିଦ୍ୟାଳୟ ଆଉ ମହାବିଦ୍ୟାଳୟ ନ ଅମୃତ୍ ପିଢ଼ି ସାରସ୍ୱତ ସମାରୋହ ହେଇଯାଇଛେ । ବକ୍ତୃତା, ପ୍ରବନ୍ଧ ଲିଖନ୍ ଆଉ କବିତା ଲିଖନ୍ ବାଗିର୍ ପ୍ରତିଯୋଗିତା ମାନ୍ କରାଯାଇକରି କୃତୀ ଛାତ୍ରଛାତ୍ରୀମାନ୍‌କୁ ଇ ଅବ୍‌ସରେ ପୁରସ୍କୃତ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲାପରିଷଦ୍ ସମ୍ମିଳନୀ କକ୍ଷ ନ ଅମୃତ୍ ପିଢ଼ି ସାରସ୍ୱତ ସମାରୋହ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ୭୩ ଝନ୍ କବି କବିତା ପାଠ କରିଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଳୟ ନ ଓଡ଼ିଆ ଭାଷା ସାହିତ୍ୟ ବିଭାଗ୍ ତରଫୁ ଆଏଜ୍ ଆଲୋଚନାଚକ୍ର କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଭିନ୍ ଭିନ୍ ପ୍ରତିଯୋଗିତାମାନ୍ କରାଯାଇକରି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ କରାଯାଇଛେ ।

ରତ୍ନଭଣ୍ଡାର           ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ର ୨ ନମ୍ବର୍ ଖେପ୍ ବାହାର ରତ୍ନଭଣ୍ଡାର ଅଲଙ୍କାର୍‌ର ଗନ୍‌ତିମନ୍‌ତି କାମ୍ ଆଏଜ୍ ସରିଛେ । ଆଏବା ସୋମ୍‌ବାର୍ ୧୩ ତାରିଖ୍‌ନୁ ଭିତର ରତ୍ନଭଣ୍ଡାର୍ ନ ଥିବା ରତ୍ନ ଅଲଙ୍କାର୍‌ର ଗନ୍‌ତି କାମ୍ ମୁଲ୍ ହେବା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ତାର୍ ଉତ୍‌ରୁ ୧୬ ନୁ ୧୮ ତାରିଖ୍‌ତକ୍ ଫେର୍‌ଘାଏ ଗନ୍‌ତିମନ୍‌ତି କରାଯିବା । ଭକ୍ତମାନ୍‌କର୍ ଶୃଙ୍ଖଳିତ୍ ଦର୍ଶନ୍ ଲାଗି ବାହାର କାଠ ପାଶୁ ମହାପ୍ରଭୁଙ୍କର୍ ଦର୍ଶନ୍ ବ୍ୟବସ୍ଥା କରାଯାଇଛେ ।

ଶ୍ରୀମନ୍ଦିର୍ ବୈଠକ୍         ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ନ ଗଜପତି ମହାରାଜ୍ ଦିବ୍ୟସିଂହଦେବଙ୍କର୍ ଅଧ୍ୟକ୍ଷତାଥି ଐକ୍ୟ ସ୍ଥାପନା ମଣ୍ଡଲୀର୍ ଗୁଟେ ଜରୁରୀ ବୈଠକ୍ ଆଉ କିଛି ସମିଆ ଉତ୍‌ରୁ ମୁଲ୍ ହେବା । ଇସ୍କନ୍‌ର ଅଦିନିଆ ରତ୍ନଯାତ୍ରା ପ୍ରସଙ୍ଗ ସହେତେ

ଦେଶ୍ ଆଉ ଦେଶ୍ ବାହାରେ ପାଲନ୍ ହଉଥିବା ମାହାପୁରୁଙ୍କର୍ ଭିନ୍ ଭିନ୍ ପର୍ବପର୍ବାଣୀ ଆଉ ଅଲ୍‌ଗା ପ୍ରସଙ୍ଗ ଉପ୍‌ରେ ବୈଠକ୍‌ଥି ବିସ୍ତୃତ୍ ଆଲୋଚନା କରାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ । ବୈଠକ୍‌ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଲ୍ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀଙ୍କର୍ ସହେତେ ସେବାୟତ୍ ଆଉ ଗବେଷକମାନେ ଉପସ୍ଥିତ୍ ରହେବେ ।

ଜାତୀୟ ନିରାପଦ ମାତୃତ୍ୱ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗର୍ଭବସ୍ଥା, ସନ୍ତାନ ଜନମ୍ ଆଉ ତା'ର୍ ଉତ୍‌ରର୍ ସମିଆଥି ମହିଲାମାନ୍‌କୁ ସବୁ ସୁବିଧା ଆଉ ସେବା ଯୁଗେଇ ଦେବାର୍ ଉଦ୍ଦେଶ୍ୟଥି ଆଏଜ୍ ଦେଶେ ଜାତୀୟ ନିରାପଦ ମାତୃତ୍ୱ ଦିବସ୍ ପାଲନ୍ କରାଯାଉଛେ । ହ୍ୱାଇଟ୍ ରିବନ୍ ଆଲାଏନ୍ସର ଅନୁରୋଧ୍‌ଥି ୨୦୦୩ ମସିହାନୁ କସ୍ତୁରବା ଗାନ୍ଧୀଙ୍କର୍ ଜୟନ୍ତୀକେ ଜାତୀୟ ନିରାପଦ ମାତୃତ୍ୱ ଦିବସ ଭାବେ ପାଲନ୍ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍ ନିଷ୍ପତି ନେଇଥିଲେ । ଭାରତ୍ - ପୁର୍‌ଥିର୍ ପହେଲା ରାଷ୍ଟ୍ର

ଯେନ ଜାତୀୟ ନିରାପଦ ମାତୃତ୍ୱ ଦିବସ ସର୍‌କାରୀ ଭାବେ ଘୋଷ୍‌ନା କରାଯାଇଛେ । ଗର୍ଭାବସ୍ଥା ଆଉ ମାତୃତ୍ୱ ଲାଭ କରିଥିବା ସବୁ ମହିଳାମାନ୍‌କର୍ ବଂଚ୍‌ବାର୍ ଅଧିକାର୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ ।

ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍‌ର ସ୍ତ୍ରୀ ଆଉ ପ୍ରସୂତୀ ବିଭାଗ୍‌ର ଡାକ୍ତର୍ ପ୍ରଫେସର୍ ଶ୍ୱେତା ସିଂ ଆକାଶ୍‌ବାଣୀକେ କହିଛନ୍ ।

(ଭଏସ୍ ଓଭର୍- ଶ୍ୱେତା ସିଂ)

ସ୍ୱଚ୍ଛତା ଅଭିଯାନ            ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ.ଏ.ସି. ନ ୱାର୍ଡ଼ ପରିମଳ ତର୍‌ଫୁ ସ୍ୱଚ୍ଛତା ଅଭିଯାନ୍ ହେଇଯାଇଛେ । ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଢ଼ିଆକେ ସଫେଇ କର୍‌ବାର୍ ସହେତେ ସ୍କୁଲ୍ ପରିସର୍‌କେ ପରିଷ୍କାର୍ ରଖ୍‌ବାର୍ ଲାଗି ଦର୍‌କାରୀ ସୁରକ୍ଷା ବ୍ୟବସ୍ଥା ନେବାର୍‌କେ ସ୍କୁଲ୍ ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ସ୍ୱଚ୍ଛସାଥୀ ବିଜ୍ଞପିତ ଅଂଚଲ୍‌ର ସବୁ କର୍ମଚାରୀମାନେ ଇ ଅଭିଯାନ୍‌ଥି ସାମିଲ୍ ହେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜ୍‌ନା ଦେବ୍‌ଗଡ଼୍

ଦେବ୍‌ଗଡ଼୍ ଜିଲ୍ଲା ପ୍ରଧାନ୍‌ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜ୍‌ନାଥି ୪ ଟା ଗାଁର୍ ସାମଗ୍ରିକ୍ ବିକାଶ୍ ଲାଗି କାର୍ଯ୍ୟଖସଡ଼ା ଜିଲ୍ଲାସ୍ତରୀୟ ଅନୁମୋଦନ୍ କମିଟିର୍ ଅନୁମୋଦନ୍ ମିଲିଛେ । ଜିଲ୍ଲାପାଲ୍ କବୀନ୍ଦ୍ର ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ବାର୍‌କୋଟ ବ୍ଲକ୍‌ର ଅକ୍ଷରଶିଳା, ରାଇତାବାହାଲ୍ ଆଉ ରିଆମାଲ୍ ବ୍ଲକ୍‌ର ସୁନାରୀପଡ଼ା ଆଉ ଧରମ୍‌ପୁର୍ ଗାଁ ନ ୪୦ ଲାଖ୍ ଟଙ୍କା ଲେଖା ଖର୍ଚ୍ଚା କରାଯାଇକରି ଆଦର୍ଶ ଗ୍ରାମ କରାଯିବାର୍‌କେ ନିଷ୍ପତି ହେଇଛେ । ମୋଟ୍ ୩୯ ଟା ପ୍ରକଳ୍ପ ଲାଗି ୧ କୋଟି ୬୦ ଲାଖ୍ ଟଙ୍କାର୍ ଆକଲନ୍‌କେ ଅନୁମୋଦନ୍ କରାଯାଇଛେ ।

ଅଗ୍ନିକାଣ୍ଡ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଟିକିରାପଡ଼ା ଗାଁ ନ ଜୁଏ ଲାଗିକରି ୫ନେ ବୃଦ୍ଧାଙ୍କର୍ ଜୀବନ୍ ଯାଇଛେ । ବାଉଁଶୁଣି ଅଗ୍ନିଶମ ବାହିନୀ ଘଟ୍‌ନାଜାଗା ନ ପୁହୁଁଚିକରି ନିଆକେ ଆଏତ୍ କର୍‌ବାର୍ ସହେତେ ବୃଦ୍ଧାଙ୍କୁ ଉଦ୍ଧାର୍ କରିକରି ଡାକ୍ତର୍‌ଖାନା ନ ଭର୍ତି କରିଥିଲେ । ଚିକିତ୍ସାଧୀନ୍ ଅବସ୍ଥାଥି ତାଙ୍କୁ ମୃତ ଘୋଷ୍‌ନା କରାଯାଇଥିଲା । ସେନର୍ ପୁଲିସ୍ ଘଟ୍‌ନାର୍ ତଦନ୍ତ୍ ଜାରି ରଖିଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ସିଏମ୍ ଟ୍ରଫି କ୍ରୀଡ଼ା ଉତ୍ସବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ନ ସିଏମ୍ ଟ୍ରଫି କ୍ରୀଡ଼ା ଉତ୍ସବ୍ ମୁଲ୍ ହେଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଇତାକେ ଉଦ୍‌ଘାଟନ୍ କରିଛନ୍ । ଇ କ୍ରୀଡ଼ା ପ୍ରତିଯୋଗିତା ଆଏବା ୨୪ ତାରିଖ୍‌ତକ୍ ଚାଲ୍‌ବା । ଇଥି ଫୁଟ୍‌ବଲ୍, ଭଲିବଲ୍, କବାଡ଼ି, ଖୋ ଖୋ ଥି ଉଚ୍ଚବିଦ୍ୟାଳୟ ସ୍ତର୍‌ନୁ ବାଳକ , ବାଳିକା ବଛାଯାଇକରି ଜିଲ୍ଲାସ୍ତରୀୟ ଦଲ୍ ଗଠନ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୧୮ ଟା ଜିଲ୍ଲା ନ ବିଜ୍‌ଲି ମାରିକରି ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୪ ନୁ ୫ ଦିନ୍ ଭିତ୍‌ରେ ରାଜ୍ୟର୍ ଜିଲ୍ଲାମାନ୍‌କେ ଦିନର୍ ସବୁନୁ ଜହ ତାପମାତ୍ରା ୪ ନୁ ୬ ଡିଗ୍ରୀ ବଢ଼୍‌ବାର୍ ସମ୍ଭାବନା ରହିଛେ ।